ଜଗଦୀଶ ବାଗରୀ

ବନାମ

ରାଜେନ୍ଦ୍ର କୁମାର ଲୁହାରିୱାଲା ଏବଂ ଅନ୍ୟଜଣେ

(ଫୌଜଦାରୀ ଆବେଦନ ସଂଖ୍ୟା 116/2009)

ଜାନୁଆରୀ 21,2009

**[ଡକ୍ଟର ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*ବିନିମୟଯୋଗ୍ୟ ବିଲେଖ ଅଧିନିୟମ 1881 :*

*ଏହାର ଧାରା 138 -- ମୁଖ୍ୟ ନ୍ୟାୟିକ ଦଣ୍ଡାଧିକାରୀଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ - ଅତିରିକ୍ତ ଦୌରା ବିଚାରପତି ଏହାକୁ ନିଶ୍ଚିତ କଲେ - ଫୌଜଦାରୀ କାର୍ଯ୍ୟବ୍ୟଧ ସଂହିତାର ଧାରା 401 ସହିତ 402 କୁ ଲାଗୁ କରି ଉଚ୍ଚ ନ୍ୟାୟାଳୟ ନିବେଦନକୁ ଖାରଜ କରିଦେଲେ - ଆବେଦନ ରେ ରାୟ ଦିଆଗଲା ଯେ : ଅନେକ ଅସୁବିଧା କାରଣରୁ ଅଧିବକ୍ତା ହାଜର ହୋଇପାରିଲେ ନାହିଁ -- ମାମଲା ଗ୍ରହଣ କରିବା ପରେ ଅଧିବକ୍ତାମାନେ ସତର୍କ ରହିବେ ବୋଲି ଆଶା କରାଯାଏ - ମାମଲାର ସ୍ୱତନ୍ତ୍ର ତଥ୍ୟକୁ ଦୃଷ୍ଟିରେ ରଖି, ଆକ୍ଷେପିତ ଆଦେଶକୁ ରଦ୍ଦ କରିଦିଆଗଲା - ଯୋଗ୍ୟତା ଉପରେ ନୂତନ ବିଚାର ନିମିତ୍ତ ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଇ ଦିଆଗଲା - ଫୌଜଦରୀ କାର୍ଯ୍ୟବିଧି ସଂହିତାର ଧାରା 401 ସହ 402 ର ଲାଗୁ - ମହକିଲଙ୍କ ପ୍ରତି ଅଧିବକ୍ତାଙ୍କ ଦାୟିତ୍ୱ ।*

ଫୌଜଦାରୀ ଆବେଦନ ଅଧିକରିତା : ଫୌଜଦାରୀ ଆବେଦନ ସଂଖ୍ୟା 116/2009

C.R.R. ସଂଖ୍ୟା 727/2005 ରେ ତାରିଖ 18.3.2008 କଲିକତା ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ପ୍ରମିତ ସକ୍ସେନା, ଯଶପାଲ ଧିଙ୍ଗ୍ରା ଏବଂ ସରଦ କୁମାର ସିଂହାନିଆ ।

**ନ୍ୟାୟମୂର୍ତ୍ତି ଡକ୍ଟର ଅରିଜିତ ପଶାୟତଙ୍କ** ନ୍ୟାୟାଳୟଙ୍କର ରାୟ ଦ୍ୱାରା ପ୍ରଦାନ କରାଗଲା । ଅନୁମତି ପ୍ରଦାନ କରାଗଲା ।

2. ଏହି ଆବେଦନରେ ଆପତ୍ତି ହେଉଛି କଲିକତା ଉଚ୍ଚ ନ୍ୟାୟାଳୟଙ୍କର ଜଣେ ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶ, ଯାହା ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 (ସଂକ୍ଷେପରେ 'କୋଡ୍') ର ଧାରା 401ସହିତ ଧାରା 482 କୁ ଲାଗୁ କରାଯାଇ ଉପସ୍ଥାପିତ ହୋଇଥିବା ଆବେଦନକୁ ଖାରଜ କରିଦେଇଛି । ଫୌଜଦାରୀ ଆବେଦନ ସଂଖ୍ୟା 2/2004 ରେ ଆସାନସୋଲ୍ ର ବିଦ୍ୱାନ ଅତିରିକ୍ତ ଦୌରା ବିଚାରପତି ଙ୍କର ଆସାନସୋଲ୍ ର ଅତିରିକ୍ତ ବିଦ୍ୱାନ ମୁଖ୍ୟ ନ୍ୟାୟିକ ଦଣ୍ଡାଧିକାରୀଙ୍କ ଦ୍ୱାରା ତାରିଖ 22.4.2004 ର ଦୋଷୀସାବ୍ୟସ୍ତିକରଣ ଏବଂ ଦଣ୍ଡର ରାୟ ଏବଂ ଆଦେଶ କୁ ସୁନିଶ୍ଚିତ କରିଥିବା ଆଦେଶକୁ ବର୍ତ୍ତମାନର ଫୌଜଦାରୀ ପୁନଃରୀକ୍ଷଣ ଆବେଦନ ରେ ଆପତ୍ତି କରାଗଲା ।

3. ଯେହେତୁ ମାମଲା ଡକାଯିବା ସମୟରେ ଆବେଦନକାରୀ ହାଜର ହୋଇନଥିଲେ, ତେଣୁ ଏହି ମାମଲାକୁ ଏକତରଫା ଭାବରେ ନିଆଯାଇଥିଲା । ଉଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଥିଲେ ଯେ ବର୍ତ୍ତମାନର ଆବେଦନକାରୀ-ଅଭିଯୁକ୍ତଙ୍କ ଦ୍ୱାରା ଏଠାରେ ଅଭିଯୋଗକାରୀ-ଉତ୍ତରଦାତା ସଂଖ୍ୟା 1 ଙ୍କୁ Rs 2,30,000/- ଟଙ୍କା ପ୍ରଦାନ କରିବାର ଥିଲା ଏବଂ ଯେହେତୁ ଦେୟ ପ୍ରଦାନ କରାଯାଇ ନଥିଲା, ତେଣୁ ଦେୟ ପ୍ରଦାନ କରିବାର ପଦ୍ଧତି ନିର୍ଦ୍ଧାରଣ କରିବା ନିମିତ୍ତ ପକ୍ଷମାନଙ୍କ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା । Rs 2,30,000/- ଟଙ୍କାର ରାଶିକୁ 8 ଟି କିସ୍ତିରେ ପ୍ରଦାନ କରାଯିବାର ଥିଲା ଏବଂ ପ୍ରଥମ କିସ୍ତିରେ ତାରିଖ 22.6.2002 ସୁଦ୍ଧା ଦେୟଯୋଗ୍ୟ ରାଶି Rs.50,000/- ଟଙ୍କା ଥିଲା ଏବଂ 8 ମ କିସ୍ତିରେ ତାରିଖ 28.2.2003 ସୁଦ୍ଧା ଦେୟଯୋଗ୍ୟ ରାଶି Rs.10,000/- ଟଙ୍କା ଥିଲା । ଦେୟ କୁ ଏକ ସୁରକ୍ଷିତ ରଖିବା ନିମିତ୍ତ , ଆବେଦନକାରୀ ତିନୋଟି ଚେକ୍ ଜାରି କରିଥିଲେ । ସେଥି ମଧ୍ୟରୁ ଗୋଟିଏ ଚେକ୍ Rs.1 ଲକ୍ଷ ଟଙ୍କାର ଥିଲା ଏବଂ ଯାହାକି ବର୍ତ୍ତମାନ ବିବାଦର ବିଷୟ । ଏହି ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା ଯେ ଯେହେତୁ ଚେକ୍ ଏକ ସୁରକ୍ଷା ଭାବରେ ଜାରି କରାଯାଇଥିଲା, ବିନିମୟଯୋଗ୍ୟ ବିଲେଖ ଅଧିନିୟମ 1881 ର ଧାରା 138 ର ପ୍ରାବଧାନର (ସଂକ୍ଷେପରେ 'ଅଧିନିୟମ') ର ଏଠାରେ କୌଣସି ପ୍ରୟୋଗ ନଥିଲା ।ଉଚ୍ଚ ନ୍ୟାୟାଳୟ ଲକ୍ଷ୍ୟ କଲେ ଯେ ଆବେଦନକାରୀ ରାଜି ହୋଇଥିବା Rs.2,30,000/- ଲକ୍ଷ ଟଙ୍କାକୁ କିସ୍ତିରେ ପ୍ରଦାନ କରିବାରେ ବିଫଳ ହୋଇଥିଲେ , ସେଥିପାଇଁ ଦେୟ ପ୍ରଦାନ କରିବାରେ ବିଫଳ ହେବା କାରଣରୁ ଏକ ଲକ୍ଷ ଟଙ୍କାର ଚେକ୍ ଦିଆଗଲା । ସେହି ଦୃଷ୍ଟିରୁ କୌଣସି ସୁରକ୍ଷାର ପ୍ରଶ୍ନ ଉଠୁନାହିଁ ।

4. ଆବେଦନକାରୀଙ୍କ ପାଇଁ ବିଦ୍ୱାନପରାମର୍ଶଦାତା ଉପସ୍ଥାପିତ କରିଥିଲେ ଯେ ମାମଲା ଡକାଯିବା ସମୟରେ ଅନିବାର୍ଯ୍ୟ ଅସୁବିଧା ହେତୁ ଆବେଦନକାରୀଙ୍କ ଅଧିବକ୍ତା ହାଜର ହୋଇପାରିନଥିଲେ । ଏହା ଉପସ୍ଥାପିତ କରାଯାଇଥିଲା ଯେ ଏହି ମାମଲା ହଠାତ୍ ତାଲିକାରେ ସ୍ଥାନ ପାଇଥିଲା ଏବଂ କିଛି ଅନିବାର୍ଯ୍ୟ ଅସୁବିଧା ହେତୁ ଆବେଦନକାରୀଙ୍କ ଅଧିବକ୍ତା ଶୁଣାଣି ସମୟରେ ବିଦ୍ୱାନ ଏକକ ବିଚାରପତିଙ୍କ ସମ୍ମୁଖରେ ହାଜର ହୋଇପାରିନଥିଲେ ।

5. ଅନ୍ୟପକ୍ଷରେ, ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଉପସ୍ଥାପନା କରିଥିଲେ ଯେ ଦୁଇଟି ତାରିଖରେ ଆବେଦନକାରୀ ହାଜର ହୋଇନଥିଲେ ଏବଂ ତେଣୁ, ଅଦାଲତଙ୍କ ପାଖରେ ଯୋଗ୍ୟତା ଆଧାରରେ ପୁନଃରୀକ୍ଷଣ ଆବେଦନ ଖାରଜ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା । ନଥିରୁ ଜଣାପଡ଼େ ଯେ ମାମଲା ଟି 2005 ରେ ଦାଖଲ କରାଯାଇଥିଲା ଏବଂ ପ୍ରଥମ ଥର ପାଇଁ 17.3.2008 ରେ ତାଲିକାଭୁକ୍ତ ହୋଇଥିଲା ଏବଂ ପରଦିନ ଏହାକୁ ଅଣ ଅଭିଯୋଜନ ଯୋଗୁଁ ଖାରଜ କରିଦିଆଗଲା ।

6. ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ଅଧିବକ୍ତା ଅନେକ ଅସୁବିଧା ଉପରେ ଆଲୋକପାତ କରିଥିଲେ ଯାହା ମାମଲା ଗ୍ରହଣ କରାଯିବା ସମୟରେ ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ଅଧିବକ୍ତାଙ୍କ ମାର୍ଗ ଅବରୋଧ କରିଥିଲା । ଏହା ସତ୍ୟ ଯେ ଅଧିବକ୍ତାମାନେ ମାମଲା ଗ୍ରହଣ କରିବା ପରେ ସତର୍କ ରହିବେ ବୋଲି ଆଶା କରାଯାଏ । କିନ୍ତୁ ମାମଲାର ସ୍ୱତନ୍ତ୍ର ତଥ୍ୟ ଉପରେ ଆମେ ଆକ୍ଷେପିତ ଆଦେଶକୁ ରଦ୍ଦ କରି ଯୋଗ୍ୟତା ଉପରେ ନୂତନ ବିଚାର ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଇ ଦେଉଛୁ । ଅନାବଶ୍ୟକ ବିଳମ୍ବକୁ ଏଡ଼ାଇବା ପାଇଁ ପକ୍ଷମାନଙ୍କୁ 28.1.2009 ରେ ଉପଯୁକ୍ତ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଗଲା । ଉଚ୍ଚ ନ୍ୟାୟାଳୟ ର ବିଦ୍ୱାନ ମୁଖ୍ୟ ବିଚାରପତି ଙ୍କୁ ଅନୁରୋଧ କରାଗଲା ଯେ ଏହି ମାମଲା ଏକ ଉପଯୁକ୍ତ ଖଣ୍ଡପୀଠଙ୍କୁ ହସ୍ତାନ୍ତର କରନ୍ତୁ ।

7. ସେହି ଅନୁଯାୟୀ ଆବେଦନକୁ ଫଇସଲା କରାଗଲା ।

ଜି. ଏନ୍. ଆବେଦନଟିକୁ ଫଇସଲା କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।